ସତ୍ୟବତୀଙ୍କ ଦ୍ୱାରା ବ୍ୟାସଙ୍କ ଆଗମନ ଓ ଅମ୍ବାଳିକା ଗର୍ଭରୁ ପାଣ୍ଡୁଙ୍କ ଜନ୍ମ

ପୁଣି ବ୍ୟାସକଇଂ ସୁମରିଲେ ଦେବୀ ଧ୍ୟାନେ
ମାତାଙ୍କର ପାଶେ ପ୍ରବେଶ ହୋଇଲେ ମହାମୁନ୍ୟେ । ୧ ।
ପୁତ୍ର ଗୋଟିକି କୋଳେ ଧରି ଦାସ ରାଜାର କୁମାରୀ
ବ୍ୟାସଙ୍କର କୋଳେ ନେଇ ଦେଲେକ ଯୋଜନଗନ୍ଧା ନାରୀ । ୨ ।
ବାବୁ ଯେତେ କଷ୍ଟେ ଉପୁଜାଇଲୁ ସନ୍ତତି
ନୟନ ଭ୍ରଷ୍ଟ ହୋଇଲା ସେ ରାଜ୍ୟକୁ ଅଗତି । ୩ ।
ବାବୁ ଶରୀରକୁ ସାର ହାଦେ ଅଟଇ ବେନି ଚକ୍ଷୁ
ସେ ନୟନ ଭ୍ରଷ୍ଟ ହୋଇଲା ତାକୁ ମନରେ କିସ ବାଞ୍ଛୁ । ୪ ।
ଯେତେକ ପାତେକ ତୁ ଯେ କଲୁ ବ୍ରହ୍ମଋଷି
ଅନ୍ଧେଣ ସେ ଯେ ବଂଶ ତ ହୋଇଲା ଉଦାସୀ । ୫ ।
କ୍ରୋଧ କରିଣ ସତ୍ୟବତୀ କହନ୍ତି ବ୍ୟାସଙ୍କୁ
ପୁଣ ଯେବେ ବିଜେ କର ବାବୁ ଅମ୍ବାଳିକା ପୁରକୁ । ୬ । repeat crime, sin
ତାହାର ତୁଲେ ପୁତ୍ର ତୁ ବଢାଅ ପୀରତି
ପୁତ୍ର ଜାତ ହୋଉ ବାବୁ ରାଜ୍ୟଧର ମୂରତି । ୭ ।
ଶୁଣିଣ ବିଷାଦ ହୋଇଲେ ତପୀ ଭଗବନ୍ତ
କେତେ କରାଉ ମା ଗୋ ଅଲୋକିତ ପାତକନ୍ତ । ୮ ।
ସତ୍ୟବତୀ ବୋଇଲେ ବାବୁ ଯେବେ ସେ ହରିଲୁ
ଆବର ପାତକକୁ ବାବୁରେ କିଂପେ ଭୟେ କଲୁ । ୯ । repeat crime, sin
ବାବୁ ମୋହୋର ଶପତ ତୋତେ ନ ଧର ମନେ ଆନ
ପାତକ ଦୂର କରି ଉପୁଜାଅ ସନ୍ତାନ । ୧୦ ।
ବ୍ୟାସକୁ ସନମତ କରାଇଲେ ଯୋଗେଶ୍ୱରୀ
ପ୍ରବେଶ ହୋଇଲେ ଦେବୀ ଅମ୍ବାଳିକା ପୁରୀ । ୧୧ ।
ତିଆରନ୍ତି ସତ୍ୟବତୀ ଅମ୍ବାଳିକାର ସମେତେ
ଅନେକ ଭଗତି ଅମ୍ବାଳିକା ହୋଇଲା ପ୍ରଣପତ୍ୟେ । ୧୨ ।
ସତ୍ୟବତୀ ବୋଇଲେ ମା ଗୋ ଶୁଣ ଅମ୍ବାଳିକା
ତୁ ମୋହୋର କୁଣମଣ୍ଡଣୀ ଅଟୁ ଗୋ ଯେକା । ୧୩ ।
ଅମ୍ବିକାର ହୋଇଲା ପୁତ୍ର ଯେ ଗୋଟିୟେ
ତୁ କିଂପେ ତୁଷ୍ଟ ହୋଇଲୁ ନ କଲୁ ଉପାୟେ । ୧୪ ।
ଯେମନ୍ତେ ପୁତ୍ର ଗୋଟିୟେ ହୁଅଇ ତୋର ଜାତ
ତହିଂକି ଉପାୟ ବୁଦ୍ଧି କରସି ଗୋ ମାତ । ୧୫ ।
ଅମ୍ବାଳିକା ବୋଇଲା ଗୋ ଛାଡିବା କେହ୍ନେ ଧର୍ମ
ନୋହଇ କିନା ପୁତ୍ର ଲିଖିତ ଯେହ୍ନେ ମୋର କର୍ମ । ୧୬ ।
ସତ୍ୟବତୀ ବୋଇଲେ ବୁଦ୍ଧି ଉପାୟେ ଗୋ ଥିଲେ
ବଂଶ ରକ୍ଷା କର ଗୋ ଯେ ଯାହାର ବୁଦ୍ଧିବଳେ । ୧୭ ।

------------

୪ ।୧ ଚକ୍ଷୁ=ଚକ୍ଷୁ
୭ ।୨ ପୁତ୍ର ଜନ୍ମ ହୋଉ ବାବୁ ରାଜ୍ୟକୁ ଆଧିପତି ।
୮ ।୧ ଶୁଣିଣ ବିମର୍ଶିତ (ବିଧୁରିତ) ହୋଇଲେ ତପୀ ଭଗବନ୍ତ ।
୧୨ ।୧ ତିଆରନ୍ତି ସତ୍ୟବତୀ ଅନେକହି ମତେ
୬ ।୧ କ୍ରୋଧକରିଣ-କାନ୍ଦିକରି

ଦୁଇ ଭୟେଣୀ ଯେବେ ଥାଆନ୍ତ ସେହି ମତେ
ତାହାର ସଂପଦ ତୁ ମୂର୍ଚ୍ଛିବୁ କେମନ୍ତେ । ୧୮ ।

ୟେବେ ବ୍ୟାସ ଆସିବେଟି ତୋହୋର ଭୁବନକୁ
ଭାବେଣ ଭଗତି ତୁ ହୋଇବୁ ତାହାକୁ । ୧୯ ।
ୟେକ ମନେ ୟେକ ଯୋଗେ ବଢାଅ ପୀରତି
ରାଜ୍ୟଧର କୁମରେକ ହୋଉ ଉତପତ୍ତି । ୨୦ ।
ଶୃଙ୍ଗାର କାଳେ ଅମ୍ବିକା ଅସାକ୍ଷମ ହୋଇଲା
ନୟନ ବୁଜିଲାକୁ ପୁତ୍ର ଅନ୍ଧ ଯେ ହୋଇଲା । ୨୧ ।
ବ୍ୟାସକଇଂ ଆନନ୍ଦେଣ ଦିଅସି ଶୃଙ୍ଗାର
ତୋହୋର ପୁତ୍ର ଗୋଟି ଗୋ ହୋଉ ରାଜ୍ୟଧର । ୨୨ ।
ୟେହା ଶୁଣି ବିଷାଦ ଛାଡିଲା ମାନବତୀ
ଅମ୍ବାଳିକାକୁ ବେଶନ କରାଇଲେ ସତ୍ୟବତୀ । ୨୩ ।
ବ୍ୟାସନ୍ତ ଘେନି ପ୍ରବେଶ ହୋଇଲେ ଅନ୍ତେଶ୍ୱର ପୁରେ
ବିଜେ କରାଇଲେ ନେଇ ଚନ୍ଦ୍ରଶାଳା ମନ୍ଦିରେ । ୨୪ ।
ଅନେକ ବେଶ ବେଶନ କରାଇଲେ ଅମ୍ବାଳିକା
ବ୍ୟାସକଇ ଭେଟ କରାଇଲେ ଶଉନିକା । ୨୫ ।
ପାରେଶ୍ୱର ନନ୍ଦନ ହୋଇଲେ ଆନ ବେଶ
ପାଣ୍ଡୁର ବର୍ଣ୍ଣ ମୁନିଙ୍କର ଶରୀର ପରକାଶ । ୨୬ । black Vyas becomes white ash
ଚନ୍ଦନ ଅଗର ଚଉସମ କର୍ପୂର କସ୍ତୁରୀ
ନାନା ସୁଗନ୍ଧ ଯେ ଶରୀରେ ଲେପନ କରି । ୨୭ ।
ଅନେକ ଆଭରଣ ଅଳଙ୍କାର କାୟେ
ଋଷି ରୂପ ଛାଡି ଦିଶିଲେ ରାଜ୍ୟଧର ପ୍ରାୟେ । ୨୮ ।

----------

୨୦ ।୧ ତାହାମେଳେ ୟେକ ଯୋଗେ ବଢାଅ ପୀରତି ।
୨୦ ।୨ ରାଜ୍ୟେଶ୍ୱର କୁମରେକ ହୋଉ ଉତପତ୍ତି । ।
୨୬ ।୧ ପରାଶର ନନ୍ଦନ ହୋଇଲେ ଦିବ୍ୟ ବେଶ
୨୫ ।୨ ଶଉନିକା-ଶଉନିକୀ (ଓଡିୟାରେ ଶଉନିକା) କଂସେଇ, ଶିକାରୀ, ଶବର ଏଠାରେ ମତ୍ସ୍ୟଜୀବୀର କନ୍ୟା ହେତୁ ।

ଜଗବନ୍ଦନ ପୁରୁଷ ଅଟଇ ମହାବ୍ରହ୍ମ
ଅନଙ୍ଗ ସୁନ୍ଦର ସେ ପୁରୁଷଙ୍କ ଉତ୍ତମ । ୨୯ ।
ଦୀକ୍ଷା ଗୁରୁ ଗ୍ୟାନ ଗୁରୁ ଶିକ୍ଷାଗୁରୁ ମହାଭିଗ୍ଂୟ
ପରମ ଗୁରୁ ସାଧକ ପୁରୁଷ ଅନାଦି ସର୍ବଗ୍ଂୟ । ୩୦ ।
ଦ୍ୱୈପାୟନ ନାରାୟଣ ଯେ ପ୍ରଳୟ କାଳବଞ୍ଚା
ଷାଠିୟେ ଲକ୍ଷ ମହାଭାରତ ଯେହୁ କଲେ ସଞ୍ଚା । ୩୧ ।
ମଦନ ଭାବିନୀ ସେ ଅଟଇ ଅମ୍ବାଳିକା
ପରମ ଯୋଗେଶ୍ୱରୀ ସେ କାମରସ ଶିଖା । ୩୨ ।
ମଦନ ମନ ପବନ ତିନିହିଁ ନିରୋଧୀ
ଘୋଟିଲା ମୟାଣ ଭେଟିଲା କାମ ଯୋଧୀ । ୩୩ ।
ରତି ଖେଦ ଘେନିଣ ବିଜୟେ ମୁନି ୟେକେ
ଅମ୍ବାଳିକା ପ୍ରିୟଭାବ କଲା ଯେ ପଲଙ୍କେ । ୩୪ ।
ଧର୍ମ ଧର୍ମ ସୁମରନ୍ତି ଦାସ ରାଜାର କୁମାରୀ
ଭୋ ଧର୍ମ ପୁରୁଷ ସୋମବଂଶ ହୋଉ ଯେ ଉଦ୍ଧାରି । ୩୫ ।
ମଦନ ଶରଘାୟେ ଭେଟିଲେ ମହାଋଷି
ଅମ୍ବାଳିକାକୁ କୋଳ କରି ଧଇଲେ ଆକ୍ରେଷି । ୩୬ ।
ଧର୍ମ ଧର୍ମ ସୁମରନ୍ତି ଯେ ପଦ୍ମନାଭର ବାଳୀ
ଭୁଜେ ଭୁଜେ ଭିଡି ମହାତମା ବିନୟେ ହିଆଳି । ୩୭ ।

ହୃଦୟରେ ହୃଦ ଭିଡି ମୁଖରେ ଚୁମ୍ବନ
କାମର ଆତୁରେଣ ମୁନି ହୋଇଲେ ବିବସନ । ୩୮ ।
ବିବସନ କରିଣ କୋଳେ ଧଇଲେ ମହାମୁନ୍ୟେ
ହାସ୍ୟ ଲାସ୍ୟ ପ୍ରେମ କୁତୋହଳେ ଅଧର ପାନେ । ୩୯ ।
ଚନ୍ଦ୍ରକଳା ଭେଦିଲା ସେ ରତିଶାସ୍ତ୍ର ଯୋଗେ
ଧାତୁ ମାତୁ ବାମାର ଚଳିଲାକ ବେଗେ । ୪୦ ।
--------
୨୯ ।୧ ମହା ଯୋଗେଶ୍ୱର ପୁରୁଷ ସେ ଅଟନ୍ତି ମହାବ୍ରହ୍ମ
୩୦ ।୨ ସକଳ ସାଧକ ପୁରୁଷ ଅନାଦି ସର୍ବଗମ୍ୟ । ।
୩୨ ।୨ ପରମ ମାହେଶ୍ୱରୀ ସେ କାମରସ ଶିଖା । ।
୩୭ ।୨ ଭୁଜେ ଭିଡି ଅମ୍ବାଳିକାକୁ ମନର ହିଆଳି ।
୪୦ ।୨ ଧାତୁ ବାଦ ରସ ବୁଡିଲା କାମ ବେଗେ ।

ରସ ଖଳିତ ଯହୁଁ ହୋଇଲା ପରମଦା
ଭାବେଣ ଭାବିନୀ ଆକର୍ଷଇ ବ୍ରହ୍ମସିଦ୍ଧା । ୪୧ ।
ମୁଖେ ଚୁମ୍ବନ ଦେଇ ଭିଡଇ ବେନିଭୁଜ ଗତେ
ଅମ୍ବାଳିକା ବୋଇଲା ମୋହୋର ପ୍ରାଣ ରଖ ତପୋବନ୍ତେ । ୪୨ ।
ଶୃଙ୍ଗାର ମାଗଇ ବାଳୀ କାମର ଉଚ୍ଚାଟେ
ଯାମଳା ତରୁ ଯେହ୍ନେ ଜଡିତ ୟେକ ଭେଟେ । ୪୩ ।
ଅଭୟେ ବିଭଙ୍ଗ ତ ମୁନି ରତିରଙ୍ଗେ ଇଚ୍ଛା
ଛାଡିଲା ଲାଜ ଭୟ ପୂରୋଇଲା ମନବାଞ୍ଛା । ୪୪ ।
ଭାବେଣ ବୁଡିଲା ସେ ପଚିଶ ପ୍ରକୃତି
ହେଠମାଥ ଶୃଙ୍ଗାରେ ଅଶାନ୍ତି ଅତ୍ରିପୁତି । ୪୫ ।
ମଗୁଶୀର କୃଷ୍ଣ ଚତୁର୍ଥୀ ଯେ ଅର୍କବାର
ରୋହିଣୀ ନକ୍ଷତ୍ର ବୃଷ ଚନ୍ଦ୍ର ସେ ଦିନର । ୪୬ । horoscope
ବିଛା ସଂକ୍ରାନ୍ତିର ଦିନ ପଚିଶ ଯେ ଭୋଗ
ବାଳବ ନାମେ କରଣ ଶିବ ନାମେ ଯୋଗ । ୪୭ ।
ରୋହିଣୀ ବୃଷରାଶି ଜାତ ଶୁକ୍ରକ୍ଷେତ୍ରୀ
ସପତମ ଘରେ ଶୁକ୍ର ନବମେ ବୃହସ୍ପତି । ୪୮ ।
ୟେସନେକ ସମୟେ ଉତପତ୍ତି ହୋଇଲାକ ବଳା
ରାତ୍ର ଘଡିୟେକଠାରେ ପୂର୍ଣ୍ଣ ଚନ୍ଦ୍ରକଳା । ୪୯ ।
ମରକତ ରସାଣିଲା ପ୍ରାୟେ ଦିଶଇ ଦେହବର୍ଣ୍ଣ
ଶିଖୀ ସିଦ୍ଧ କପାଳ ଯେ ଘଟିତ ଲେଖନ । ୫୦ ।
ଆରକତ ପଦ୍ମଜାଣି ଦିଶଇ ବେନି ଚକ୍ଷୁ
ଗଜରିପୁ ବକ୍ଷସ୍ଥଳ ମଝା ସମକକ୍ଷୁ । ୫୧ ।
ଆକର୍ଷଣ ବାହୁ ବିଜେ ମକରକେତନ ସରୂପ
ଚଉଷଠି ଗୁଣ ଲକ୍ଷଣ ଅନଙ୍ଗ ସମଧାପ । ୫୨ ।
ଅନେକ ଲକ୍ଷଣେ ଉତପତ୍ତି ହୋଇଲାକ ସୁତ
ଦିବି ଭୁବି ପାତାଳ ତ୍ରୈଲୋକ୍ୟେ ବିଦିତ । ୫୩ ।
ଅମୃତ ବେନି କୁଣ୍ଡଳ ଶୋଭିତ ବେନି କର୍ଣ୍ଣେ
ଶୁଦ୍ଧ ପଦକମଣି ଶୋଭିତ ସନ୍ନିଧାନେ । ୫୪ ।
ପୁତ୍ର ଦେଖି ଉଷତ ସେ ହୋଇଲେ ସତ୍ୟବତୀ
ଦିଗପାଳମାନଙ୍କୁ କରନ୍ତି ଅନେକ ଯେ ସ୍ତୁତି । ୫୫-୧୦୮୦ ।
-----------
୫୦ ।୧ ମର୍କତ ରସାଣ ଦିଶଇ କନକ ବର୍ଣ୍ଣ

୫୦ ।୨  ଶ୍ରୀଖଣ୍ଡି କପାଳ ଘଟିତ ଲେଖନ । ।
୫୨ ।୧  ଆଜାନୁବାହୁ ନିବିଡ ବକ୍ଷସ୍ଥଳ
୪୧ ।୧  ପରମଦା-ପ୍ରମଦା

******************